# ସହଜ ଓ ସ୍ୱଳ୍ପ ଖର୍ଚ୍ଚ ପଦ୍ଧତିରେ ଅଶ୍ୱଗନ୍ଧା ଚାଷ

ଚାଷୀ ତାଲିମ ପୁସ୍ତିକା

ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ

ଓଡିଶା

ଭୁବନେଶ୍ୱର

## ଅଶ୍ୱଗନ୍ଧା ବୃକ୍ଷ ସମ୍ପର୍କରେ କିଛି ସାଧାରଣ କଥା

- ଅଶ୍ୱଗନ୍ଧାରେ ଏକାଧିକ ଔଷଧୀୟ ଗୁଣ ରହିଥିବାରୁ ଏହା ଏକ ଚମତ୍କାରୀ ଜଡିବୁଟି ହିସାବରେ ବିବେଚିତ ହୁଏ | ଏହାର ଚେର ଘୋଡ଼ାଭଳି ଗାନ୍ଧଯୁକ୍ତ ଓ ଏହାର ଶରୀରକୁ ପ୍ରାଣବନ୍ତ କରୁଥିବାରୁ ଏହାକୁ ଅଶ୍ୱଗନ୍ଧା କୁହାଯାଏ |
- ଏହା 30 ସେଣ୍ଟିମେଟର ରୁ 120 ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ଏକ ଶାଖାଯୁକ୍ତ ବୃକ୍ଷ ଯାହାର ଚେର ମାଂସାଳ ତଥା ଘିଅ (ଈଷତ ଧଳାମିସା ବାଦାମୀ) ବର୍ଣ୍ଣର ହୋଇଥାଏ |
- ଏହାର ପତ୍ରଗୁଡ଼ିକ ସବୁଜ, ଉପାବୃତ୍ତାକାର ଏହା ସାଧାରଣତଃ 5 ରୁ 8 ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାନ୍ତି |
- ଏହାର ଫୁଲ ଛୋଟ, ସବୁଜ ବର୍ଣ୍ଣର ଏବଂ ଘଣ୍ଟି ଆକୃତିର ହୋଇଥାଏ | ଏହାର ପାଚିଲା ଫଳ କମଳା - ଲାଲ ରଙ୍ଗର ହୋଇଥାଏ |



# ଅଶ୍ୱଗନ୍ଧା ଚାଷ ନିମନ୍ତେ ଆବଶ୍ୟକ ଜଳବାୟୁ ଓ ମୃତ୍ତିକା

- ଅଶ୍ୱଗନ୍ଧା ଏକ ଉପକ୍ରାନ୍ତୀୟ ଜଳବାୟୁ ଅନ୍ତର୍ଗତ ଫସଲ |
- 1000 ମିଲିମିଟର ବା ତା ଠାରୁ କମ ବୃଷ୍ଟିପାତ ହେଉଥିବା ଅଞ୍ଚଳ ଯାହାକି ଅର୍ଦ୍ଧ-ଉଷ୍ଣମଣ୍ଡଳୀୟ ଅନ୍ତର୍ଭୁକ୍ତ ଏହି ଫସଲର ଚାଷ ନିମନ୍ତେ ଉପଯୁକ୍ତ |
- ଏହି ଫସଲର ଉତ୍ତମ ବୃଦ୍ଧି ନିମନ୍ତେ ଶୁଖିଲା ପାଗର ଆବଶ୍ୟକତା ଥାଏ |

| ବାର୍ଷିକ ହାରାହାରି ତାପମାତ୍ରା | ବାର୍ଷିକ ହାରାହାରି ବୃଷ୍ଟିପାତ | ବୁଣିବା ସମୟର ତାପମାତ୍ରା | ଅମଳ ସମୟର ତାପମାତ୍ରା |
|---|---|---|---|
| 20 ରୁ 25 ଡିଗ୍ରୀ ସେଲସିୟସ | 750 ରୁ 1000 ମିଲିମିଟର | 20 ରୁ 22 ଡିଗ୍ରୀ ସେଲସିୟସ | 20 ରୁ 35 ଡିଗ୍ରୀ ସେଲସିୟସ |

❖ମାଟିର ଅମ୍ଳୀୟତା 6.5 ରୁ 8 ମଧ୍ୟରେ ଥିବା, ଉତ୍ତମ ଜଳ ନିଷ୍କାସନ କ୍ଷମତା ବିଶିଷ୍ଟ ବାଲିଆ ଦୋରସା କିମ୍ବା ହାଲୁକା ନାଲି ମାଟିରେ ଏହାର ଚାଷ ଭଲ ହୋଇଥାଏ |
❖ଯେଉଁ ମାଟିରେ ଆର୍ଦ୍ରତା ରହେ ଏବଂ ପାଣି ଜମା ହୋଇରହିଥାଏ, ସେହି ମାଟିରେ ଅଶ୍ୱଗନ୍ଧା ଚାଷ କରିବା ଅନୁଚିତ |
❖ଏହାର ଚାଷ ଭଲ ଜଳ ନିଷ୍କାସନ ବ୍ୟବସ୍ଥା ଥିବା ଭାରି କଳା ମାଟିରେ ମଧ୍ୟ କରାଯାଇପାରିବ |

# ଚାଷ ନିମନ୍ତେ ଅଶ୍ୱଗନ୍ଧାରେ ପ୍ରକାରଭେଦ ଓ ମଞ୍ଜିର ଆବଶ୍ୟକତା

| କ୍ର. ସଂ. | କିସମ | ଉପଲବ୍ଧତା | ଗୁଣବତ୍ତା | ପ୍ରତିରୋପଣ ପାଇଁ ଦରକାର ହେଉଥିବା ଅଂଶ | ହେକଟର ପ୍ରତି ଦରକାର |
|---|---|---|---|---|---|
| 1 | ଜୱାହର ଅଶ୍ୱଗନ୍ଧା - 20 | ଜୱାହରଲାଲ ନେହରୁ କୃଷି ବିଶ୍ୱବିଦ୍ୟାଳୟ, ଇନ୍ଦୋର, ମଧ୍ୟ ପ୍ରଦେଶ | ❖ଏହି ପ୍ରଜାତିର ଗଛର ଉଚ୍ଚତା ଛୋଟ ଏବଂ ଏହାକୁ ଛଟାବୁଣା ପଦ୍ଧତିରେ ବ୍ୟବହାର କରାଯାଏ, ଯେହେତୁ ଏହି ପଦ୍ଧତିରେ ଗଛର ଘନତ୍ୱ ଅଧିକ ଆବଶ୍ୟକ |<br>❖ଏହି ପ୍ରଜାତିରେ ଏହାର ଶୁଖିଲା ଚେରରେ ବିଦେନାଇଁନ ଅଲକଲଇଡି ପରିମାଣ 0.30 ପ୍ରତିଶତ ଥାଏ |<br>❖ଏହି ପ୍ରଜାତି 180 ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଥାଏ |<br>❖ଏହି ପ୍ରଜାତିରେ ହେକ୍ଟର ପ୍ରତି ଅମଳ 500 ରୁ 600 କିଲୋଗ୍ରାମ ମଧ୍ୟରେ ହୋଇଥାଏ | | ମଞ୍ଜି | ଛଟାବୁଣା ପଦ୍ଧତିରେ 10 କିଲୋଗ୍ରାମ ମଞ୍ଜି ଦରକାର କିମ୍ବା ଧାଡିବୁଣା ପଦ୍ଧତିରେ 4 ରୁ 5 କିଲୋଗ୍ରାମ ମଞ୍ଜି ଦରକାର ହୋଇଥାଏ | |
| 2 | ଜୱାହର ଅଶ୍ୱଗନ୍ଧା - 134 | | | | |
| 3 | ରାଜ-ବିଜୟ ଅଶ୍ୱଗନ୍ଧା - 100 | | ❖ଏହି ପ୍ରଜାତି 170 ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଥାଏ |<br>❖ଏହି ପ୍ରଜାତିରେ ହେକ୍ଟର ପ୍ରତି ଅମଳ 750 କିଲୋଗ୍ରାମ ମଧ୍ୟରେ ହୋଇଥାଏ | | | |

# ଚାଷ ନିମନ୍ତେ ଅଶ୍ୱଗନ୍ଧାରେ ପ୍ରକାରଭେଦ ଓ ମଞ୍ଜିର ଆବଶ୍ୟକତା

| କ୍ର. ସଂ. | କିସମ | ଉପଲବ୍ଧତା | ଗୁଣବତ୍ତା | ପ୍ରତିରୋପଣ ପାଇଁ ଦରକାର ହେଉଥିବା ଅଂଶ | ହେକଟର ପ୍ରତି ଦରକାର |
|---|---|---|---|---|---|
| 4 | ରକ୍ଷିତା ଓ ପୋଷିତା | ସି.ଏସ.ଆଇ.ଆର. - ସି.ଆଇ.ଏମ.ପି., ଲଖନଉ, ଉତ୍ତର ପ୍ରଦେଶ | ❖ଏହି ପ୍ରଜାତିର ଗଛର ଉଚ୍ଚତା ଛୋଟ ଏବଂ ଏହାକୁ ଛଟାବୁଣା ପଦ୍ଧତିରେ ବ୍ୟବହାର କରାଯାଏ, ଯେହେତୁ ଏହି ପଦ୍ଧତିରେ ଗଛର ଘନତ୍ୱ ଅଧିକ ଆବଶ୍ୟକ ।<br>❖ଏହି ପ୍ରଜାତି 180 ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଥାଏ ।<br>❖ଏହି ପ୍ରଜାତିରେ ହେକ୍ଟର ପ୍ରତି ଅମଳ 1 ରୁ 1.5 କିଲୋଗ୍ରାମ ମଧ୍ୟରେ ହୋଇଥାଏ । | ମଞ୍ଜି | ଛଟାବୁଣା ପଦ୍ଧତିରେ 10 କିଲୋଗ୍ରାମ ମଞ୍ଜି ଦରକାର କିମ୍ବା ଧାଡିବୁଣା ପଦ୍ଧତିରେ 4 ରୁ 5 କିଲୋଗ୍ରାମ ମଞ୍ଜି ଦରକାର ହୋଇଥାଏ । |





ଅଶ୍ୱଗନ୍ଧା ମଞ୍ଜି ଓ ମଞ୍ଜିରୁ ପ୍ରସ୍ତୁତ ଚାରା

## ଅଶ୍ୱଗନ୍ଧା ଚାଷର ସୋପାନ (ମୃତ୍ତିକା ପରୀକ୍ଷା)

- ଅଶ୍ୱଗନ୍ଧା ଚାଷ ନିମନ୍ତେ ପ୍ରତି ହେକଟର କୁ 50 କିଲୋଗ୍ରାମ ଯବକ୍ଷାରଜାନ ଏବଂ 50 କିଲୋଗ୍ରାମ ଫୋସ୍ଫୋରସ ଦରକାର ପଡିଥାଏ |
- ଏହା ନିମନ୍ତେ ଜମିର ଅମ୍ଳୀୟତା 6.5 ରୁ 8 ମଧ୍ୟରେ ରହିବା ଆବଶ୍ୟକ | ଅଶ୍ୱଗନ୍ଧା ମୁଖ୍ୟତଃ ଯେଉଁ ଜମିର କ୍ଷାରତ୍ୱ ଅଧିକ ସେ ଜମିରେ ଭଲ ବୃଦ୍ଧି ହୁଏ ଏବଂ ସର୍ବାଧିକ ଅମଳ ଦେଇଥାଏ |
- ଏଥି ନିମନ୍ତେ ଜମିର ମୃତ୍ତିକା ପରୀକ୍ଷା କରିନେବା ଜରୁରୀ ଏବଂ ଏହା ନିମ୍ନୋକ୍ତ ପ୍ରକାରରେ କରାଯାଇଥାଏ |
  - ଏଥି ନିମନ୍ତେ ଜମିର 5 ଗୋଟି ଜାଗାରୁ ମୃତ୍ତିକା ସଂଗ୍ରହ କରାଯାଏ | 4 ଗୋଟି କୋଣରୁ 4 ଗୋଟି ଏବଂ ଜମିର ମଝିରୁ ଗୋଟିଏ |
  - ମୃତ୍ତିକା ସଂଗ୍ରହ ନିମନ୍ତେ କୋଡ଼ି ବା କୋଦାଳର ଆବଶ୍ୟକତା ପଡେ | ପ୍ରଥମେ ଗୋଟିଏ ଜାଗା ଚିହ୍ନଟ କରି ସେ ଜାଗାର ପୂର୍ବ-ପଶ୍ଚିମ ଏବଂ ଉତ୍ତର-ଦକ୍ଷିଣ ଦିଗରୁ କୋଡ଼ି ଦ୍ୱାରା ଗୋଟିଏ ଥରରେ ଉପର ମାଟିକୁ ଖୋଳି ବାହାର କରି ଗୋଟିଏ କଡରେ ରଖିବାକୁ ପଡିବ | ତାପରେ ସେହି ଖାତରେ ଆଉ ଠାରେ ଗୋଟିଏ କୋଡ଼ି ଖୋଳି ସେଇ ମାଟିକୁ ଅଲଗା ପରିଷ୍କାର କପଡା କିମ୍ବା ପାଲ ଉପରେ ରଖିବାକୁ ପଡିବ | ଏ ପରି ଭାବରେ 5 ଗୋଟି ମାଟି ସଂଗ୍ରହ କରି ତାକୁ ଭଲ ଭାବରେ ମିଶେଇ ତନ୍ମଧ୍ୟରୁ ଗୋଡି ଏବଂ ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁକୁ ଅଲଗା କରିବାକୁ ପଡିବ | ଏଥିରୁ ପାଖାପାଖି 250 ଗ୍ରାମ ର ମାଟିକୁ ନେଇ ଜରି ବ୍ୟାଗରେ ଭରି ନିକଟସ୍ଥ ମୃତ୍ତିକା ପରୀକ୍ଷାଗାରରେ ଦେଲେ ତାର ପରୀକ୍ଷା କରାଯାଇ ପାରିବ

## ମୃତ୍ତିକା ସଂଗ୍ରହର ଫଟୋ



ନିଜର ସୁବିଧା ନିମନ୍ତେ ମାଟି ସଂଗ୍ରହ କରିଥିବା ସ୍ଥାନକୁ ଚିହ୍ନଟ କରି ରଖିବା ଉଚିତ କିମ୍ବା ମୋବାଇଲ କ୍ୟାମେରାରେ ସେ ସ୍ଥାନର ଜି.ପି.ଏସ. ଫଟୋ ଉଠେଇ ରଖିବା ଦରକାର | ଯାହା ଦ୍ୱାରା କି ପରବର୍ତ୍ତୀ ମୃତ୍ତିକା ପରୀକ୍ଷଣ ବେଳେ ସମାନ ଜାଗାରୁ ମୃତ୍ତିକା ଯିବ ନାହିଁ |



# ଅଶ୍ୱଗନ୍ଧା ଚାଷର ସୋପାନ
# (ମୃତ୍ତିକା ପରୀକ୍ଷା – ପ୍ରମାଣପତ୍ର)



OFFICE OF THE ASSISTANT DIRECTOR OF AGRICULTURE SOIL CHEMIST,
SAHEEDNAGAR , BHUBANESWAR , KHORDHA
TELEPHONE NUMBER : 0674-2950868 Email:scbbsr.dag@nic.in

| FARMER'S INFORMATION :- | | LAND INFORMATION :- | |
|---|---|---|---|
| Name of the Farmer/ Organisation :- | State Medicinal Plant Board, Odisha | Sample Reference:- | 2-Nityanand Sabar |
| VILLAGE :- | Bhubaneswar | Land Type :- | |
| GRAM PANCHAYAT:- | | Irrigated/Non-Irrigated :- | |
| BLOCK/ SUB-DIVISION:- | | Season:- | Kharif 2022 |
| DISTRICT:- | Khordha | Crop:- | |
| Date of Sample Collection:- | 07-06-2022 | Khata/Plot No. | |
| Mobile No:- | 0674-2954911 | | |

RESULT OF SOIL TESTING

| Lab No.:- P 238 | | |
|---|---|---|
| pH:- | 6.68 | Neutral |
| TSS (ds/m):- | 0.032 | Normal |
| Organic Carbon(%):- | 0.31 | Low |
| Nitrogen (N) | 92.88 | Low |
| Phosphorous (K.g/ Ha):- | 26.27 | Medium |
| Potash (K.g/ Ha) :- | 330.00 | High |

Available Secondary/Micronutrient

| | | |
|---|---|---|
| Sulphur (PPM) | | |
| Zinc (PPM) | | |
| Boron (PPM) | | |
| Iron(Fe) (PPM) | | |
| Manganese(Mn) (PPM) | | |
| Copper(Cu) (PPM) | | |

DURATION OF VALIDITY OF SHC FROM : 10/08/2022 TO : 09/08/2024

Assistant Director of Agriculture,
Soil Chemist, Khordha , Bhubaneswar

ରାଜ୍ୟ ମୃତ୍ତିକା ପରୀକ୍ଷାଗାର, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ମୃତ୍ତିକା ପରୀକ୍ଷାଫଳ

ଜିଲ୍ଲାସ୍ତରୀୟ କୃଷି ବିଜ୍ଞାନ କେନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତମୃତ୍ତିକା ପରୀକ୍ଷାଫଳ



ପରୀକ୍ଷା ଫଳାଫଳ ଅନୁଯାୟୀ ଅନୁମୋଦନ - ମୃତ୍ତିକା ପରୀକ୍ଷାଗାର, ସେମିଳିଗୁଡ଼ା

ବର୍ଷ 2022-2023

ନମୁନାର କ୍ର.ନଂ ନି.ନଂ.2, Lab No-5777

| ମୃତ୍ତିକା ପରୀକ୍ଷା ଫଳାଫଳ | | ଅନୁମୋଦିତ ପଦକ୍ଷେପ / ଅନୁମୋଦିତ ସାର | |
|---|---|---|---|
| ୧. | ଅମ୍ଳତା 6.10 Acidic | ୧. | ଜୈବିକ ଖତ/ସାର (ଟନ୍/ଏକର) |
| ୨. | ଲବଣତା 0.2 Normal | ୨. | ଯବକ୍ଷାରଜାନ (କି.ଗ୍ରା/ଏକର) |
| ୩. | ଜୈବିକ ଅଙ୍ଗାର (%) 0.65 Medium | ୩. | ଫସ୍‌ଫରସ୍ (କି.ଗ୍ରା/ଏକର) |
| ୪. | ସହଜ ଲଭ୍ୟ ଯବକ୍ଷାରଜାନ 347 Medium | ୪. | ପଟାସ୍ (କି.ଗ୍ରା/ଏକର) |
| ୫. | ସହଜ ଲଭ୍ୟ ଫସ୍‌ଫରସ୍ (କି.ଗ୍ରା/ହେକ୍ଟର) 2 Low | ୫. | ଜୈବ ସାର |
| ୬. | ସହଜ ଲଭ୍ୟ ପଟାସ୍ (କି.ଗ୍ରା/ହେକ୍ଟର) 681 High | ୬. | ମୃତ୍ତିକା ସଂଶୋଧକ |
| ୭. | ଚାଷୀ କେଉଁ ଫସଲ ଚାଷ କରିବେ [illegible] | | |
| ୮. | ଫସଲ ଋତୁ (ଖରିଫ/ରବି/ଗ୍ରୀଷ୍ମ) | | ଅନୁମୋଦିତ ଅଣୁସାର / ଗୌଣ ସାର |
| | ଉପଲବ୍ଧ ଅଣୁସାର / ଗୌଣ ସାର | ୭. | ଗନ୍ଧକ |
| ୯. | ଗନ୍ଧକ | ୮. | ଦସ୍ତା |
| ୧୦. | ଦସ୍ତା | ୯. | ଲୌହ |
| ୧୧. | ଲୌହ | ୧୦. | ମଙ୍ଗାନିଜ୍ |
| ୧୨. | ମାଙ୍ଗାନିଜ୍ | ୧୧. | ତମ୍ବା |
| ୧୩. | ତମ୍ବା | ୧୨. | ବୋରନ୍ |
| ୧୪. | ବୋରନ୍ | ୧୩. | ମଲିବଡିନମ୍ |
| ୧୫. | ମଲିବଡିନମ୍ | | |

Adv. Consult the Asst. Horticulture Officer Dasamanthpur, for the above crop fertiliser recommendation.

ASST. DIRECTOR OF AGRICULTURE, SOIL CHEMIST, SEMILIGUDA, KORAPUT
ଅତିରିକ୍ତ କୃଷି ନିର୍ଦ୍ଦେଶକ, ସେମିଳିଗୁଡା

# ଅଶ୍ୱଗନ୍ଧା ଚାଷର ସୋପାନ
# (ଜମି ପ୍ରସ୍ତୁତି)

- ଆମ ରାଜ୍ୟରେ ଅଶ୍ୱଗନ୍ଧାକୁ ମୁଖ୍ୟତଃ ବିଳମ୍ବିତ ଖରିଫ ଫସଲ (ସେପ୍ଟେମ୍ବର ମାସରୁ ଆରମ୍ଭ ହେଉଥିବା) ହିସାବରେ ଚାଷ କରାଯାଇଥାଏ |
- ଏପ୍ରିଲ ମାସର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ମୁଖ୍ୟ କ୍ଷେତକୁ ଭଲ ଭାବରେ ହଳ କରି ମାଟି ଗୁଣ୍ଡ କରିବାକୁ ପଡ଼ିବ ତଥା ମାଟିକୁ 15 ଦିନ ଖରା ଖୁଆଇବାକୁ ପଡ଼ିବ ଯାହା ଦ୍ୱାରା ମାଟିରେ ଥିବା ଅଦରକାରୀ ସୂକ୍ଷ୍ମ ଅଣୁଜୀବ ତଥା ବୀଜାଣୁମାନେ ନଷ୍ଟ ହୋଇଯିବେ
- ଯଦି ଜମିର ଅମ୍ଳୀୟତା 6 ରୁ କମ ଥାଏ ତାହାହେଲେ ହେକ୍ଟର ପ୍ରତି 10 ରୁ 25 କିଲୋଗ୍ରାମ (ଜମିର ଅମ୍ଳୀୟତା ଉପରେ ନିର୍ଭରଶୀଳ) ଚୂନ ପଥର ଗୁଣ୍ଡକୁ ପ୍ରଥମ ହଳ ସମୟରେ ଜମିରେ ଦେଇ ହଳ କରିବାକୁ ପଡ଼ିବ |
- ଏହା ପରେ ପ୍ରଥମ ପ୍ରାକ-ମୌସୁମୀ ବର୍ଷା ପରେ ପରେ ଦ୍ୱିତୀୟ ହଳ କରିବାକୁ ପଡ଼ିବ ଓ ଏହି ଦ୍ୱିତୀୟ ହଳ ସମୟରେ ଜମିରେ ଆବଶ୍ୟକତା ଅନୁଯାୟୀ 4 ରୁ 5 ଟନ ଉତ୍ତମ ଭାବରେ ସଢ଼ି ଯାଇଥିବା ଗୋବର ଖତ କିମ୍ବା 2 ରୁ 3 ଟନ ଶୁଖିଲା ଗୋବର ଖତ ସହ 1 ରୁ 2 ଟନ ସବୁଜ ଖତ ତଥା 25 କିଲୋଗ୍ରାମ ନିମ ପିଡିଆ ଗୁଣ୍ଡ ଜମିରେ ପକେଇ ଭଲଭାବରେ ହଳ କରିବାକୁ ପଡ଼ିବ |
- ସେପ୍ଟେମ୍ବର ପ୍ରଥମ ରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଯାଇ ଥିଲେ, ଜମିକୁ ପୁନଃରାୟ ହଳ କରିଦେବାକୁ ପଡିବ |
- ଯଦି ଆମେ ଅଶ୍ୱଗନ୍ଧାକୁ ଧାଡିରେ ବୁଣିବାକୁ ଚାହୁଁଚୁ ତାହାହେଲେ ଜମିରେ ହୁଡ଼ା ଟେକି ଦେବାକୁ ପଡିବ ଏବଂ ଦୁଇ ଗୋଟି ହୁଡ଼ା ମଧ୍ୟରେ ଦୂରତ୍ୱ ଅତିବେଶୀରେ 30 ସେଣ୍ଟିମିଟର ହେବା ଆବଶ୍ୟକ |

## ପ୍ରଥମ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ



## ଦ୍ୱିତୀୟ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ



# ଅଶ୍ୱଗନ୍ଧା ଚାଷର ସୋପାନ (ମଞ୍ଜି ବୁଣା)

- ଅଶ୍ୱଗନ୍ଧାର ଚାଷ ଦୁଇ ପ୍ରକାରରେ କରାଯାଇ ପାରିବ | ନର୍ସରୀ ମାଧ୍ୟମରେ ଚାରା ପ୍ରସ୍ତୁତ କରି ଓ ଜମିରେ ସିଧାସଳଖ ମଞ୍ଜି ବୁଣି | ମାତ୍ର ଚାଷର ମୂଲ୍ୟ ପ୍ରଭାବିତାକୁ ଦୃଷ୍ଟିରେ ରଖି ଏହାର ଚାଷ ସିଧାସଳଖ ମଞ୍ଜିବୁଣା ପଦ୍ଧତ୍ତିରେ କଲେ ଏହା ଲାଭଜନକ ହୋଇଥାଏ |
- ମଞ୍ଜିବୁଣା ପଦ୍ଧତିରେ ଏହାର ଚାଷ ଦୁଇ ଗୋଟି ଉପାୟରେ କରାଯାଏ | 1 - ଧାଡିବୁଣା (ଆଗରୁ ପ୍ରସ୍ତୁତ ହୋଇଥିବା ଜମିର ହୁଡାରେ) ଓ 2 - ଛଟାବୁଣା |
- ଧାଡ଼ିବୁଣାରେ ଅଶ୍ୱଗନ୍ଧା ଲଗାଣବର୍ଷା ହେଲେ ନଷ୍ଟ ହବାର ଆଶଙ୍କା ଛଟାବୁଣା ପଦ୍ଧତ୍ତିରେ ଚାଷ ହୋଇଥିବା ଅଶ୍ୱଗନ୍ଧା ଠାରୁ 50% କମ ଥାଏ, ହେଲେ ଏଥିରେ (ଧାଡିବୁଣା) ଗଛର ଘନତ୍ୱ କମ ରହୁଥିବାରୁ ଅମଳ ମଧ୍ୟ କମ ହୋଇଥାଏ |
- ବର୍ଷାର ପରିମାଣ ଓ ଜମିରେ ମାଟିର ଜଳୀୟଅଂଶକୁ ଦେଖି ମଞ୍ଜିକୁ ସେପ୍ଟେମ୍ବର ତୃତୀୟ ସପ୍ତାହରୁ ବୁଣିବ ଆବଶ୍ୟକ ତଥା ମଞ୍ଜି ବୁଣିଲେ ପରେ ମଞ୍ଜିକୁ ମାଟିରେ ଘୋଡାଇ ଦେବାଟା ଜରୁରୀ |
- ମଞ୍ଜି ବୁଣିବ ପୂର୍ବରୁ ମଞ୍ଜିକୁ 5% ହାଣ୍ଡିଖତ ପାଣି ଘୋଳରେ ଗୋଳେଇ 4 ଘଣ୍ଟା ବତୁରେଇବାଟା ଜରୁରୀ ଯାହା ଫଳରେ ମଞ୍ଜିରୁ ଗଜା ସଅଳ ବାହାରି ଥାଏ ଓ ଅଶ୍ୱଗନ୍ଧାର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ |
- ମଞ୍ଜି ବୁଣାଯିବାର ତିନି ଦିନ ମଧ୍ୟରେ ହାଲୁକା ବୃଷ୍ଟିପାତ ନହେଲେ କିମ୍ବା ଉପରମାଟି ଶୁଖିଲା ଦେଖାଯାଉଥିଲେ, ଜମିରେ ମାଟି ଓଦା ହେଲାଭଳି ହାଲୁକା ଜଳସେଚନ କରିବା ଆବଶ୍ୟକ ଯାହା ଫଳରେ ମଞ୍ଜିରୁ ଅଙ୍କୁରୋଦଗମ ହୋଇପାରିଥାଏ |





ଧାଡିରେ ମଞ୍ଜିବୁଣା



ଅଶ୍ୱଗନ୍ଧା ମଞ୍ଜିର ଛଟାବୁଣା



ମଞ୍ଜି ବୁଣା ସରିବା ପରେ ମାଟିରେ ଡାଳ ଘୋଷାଡ଼ି ମଞ୍ଜିକୁ ମାଟିରେ ଘୋଡାଇବା ପଦ୍ଧତି

## ଅଶ୍ୱଗନ୍ଧା ଚାଷର ସୋପାନ
### (ଅଶ୍ୱଗନ୍ଧା ଫସଲରେ କୋଡାଖୁସା, ଘାସ ବଛାବଛି ତଥା ପୋଷକତତ୍ୱର ପରିଚାଳନା)

- ଅଶ୍ୱଗନ୍ଧା ମଞ୍ଜିବୁଣାଯିବାର 7 ଦିନ ମଧ୍ୟରେ ମଞ୍ଜି ଅଙ୍କୁରୋଦ୍‌ଗମ ହୋଇଥାଏ ଏବଂ ଏହି ପ୍ରକ୍ରିୟା ମଞ୍ଜି ବୁଣାହେବାର 21 ଦିନ ପର୍ଯ୍ୟନ୍ତ ଚାଲିଥାଏ | ଅଶ୍ୱଗନ୍ଧା ଚାରାଗୁଡ଼ିକ 30 ଦିନର ହେଇଗଲେ, ଅର୍ଥାତ ମଞ୍ଜିବୁଣାଯିବାର 2 ମାସ ପରେ ଫସଲରେ ପ୍ରଥମ ଘାସ ବଛାବଛି କରାଯାଇଥାଏ | ଏହାର 30 ଦିନ ରୁ 45 ଦିନ ମଧ୍ୟରେ ଦ୍ୱିତୀୟ ଥର ବଛାବଛି କରାଯାଏ | ତତ୍ପରେ ଅଶ୍ୱଗନ୍ଧା ଚାଷରେ ଆଉ କୋଡାଖୁସା କି ଘାସ ବଛାବଛି ଦରକାର ପଡ଼ିନଥାଏ |
- ପ୍ରତି କୋଡାଖୁସା ଓ ବଛା ବଛି ପରେ ପୋଷକତତ୍ୱ ବା ଖାଦ୍ୟସାର ଭାବରେ ଅମୃତଜଳ (୩୦ ଲିଟର ଅମୃତଜଳ ୩୦୦ ଲିଟର ପାଣିରେ ମିଶାଇ) କିମ୍ବା ଅମୃତ ଘୋଳ (50 ଲିଟର ଅମୃତ ଘୋଳ 300 ଲିଟର ପାଣିରେ ମିଶେଇ) ପ୍ରୟୋଗ କରିବାକୁ ହେବ | ପ୍ରତ୍ୟେକ ଥର ପୋଷକତତ୍ୱ ପ୍ରୟୋଗ ପରେ କ୍ଷେତରେ ହାଲୁକା ଜଳସେଚନ କରିବା ନିତ୍ୟାନ୍ତ ଆବଶ୍ୟକ |

## ଅଶ୍ୱଗନ୍ଧା ଚାଷର ସୋପାନ
### (ଅଶ୍ୱଗନ୍ଧା ଫସଲରେ ଜଳସେଚନର ଆବଶ୍ୟକତା)

- ଅଶ୍ୱଗନ୍ଧା ଏକ ମାଟି ଓ ଜଳବାୟୁର ବଳକା ଆର୍ଦ୍ରତା ଫସଲ |
- ଅଧିକ ପରିମାଣରେ ବର୍ଷା କିମ୍ବା 2 ଦିନରୁ ଅଧିକ ଦିନ ଧରି ଲଗାଣ ବର୍ଷା ହେଲେ ଅଶ୍ୱଗନ୍ଧା ଫସଲ ନଷ୍ଟ ହୋଇଯାଇଥାଏ |
- ଅଶ୍ୱଗନ୍ଧା ଫସଲରେ ଜଳସେଚନର ଆବଶ୍ୟକତା କମ ରହେ | ଅଶ୍ୱଗନ୍ଧା ଫସଲ ତାର ଫସଲଚକ୍ର ମଧ୍ୟରେ ସମୁଦାୟ ଅତିବେଶୀରେ ତିନିଥର ଜଳସେଚନ ଦରକାର କରିଥାଏ |
- ଏହି ଫସଲରେ ମଞ୍ଜିବୁଣାଯିବା ପରେ ପରେ ଯଦି ହାଲୁକା ବର୍ଷା ନ ହଉଚି ତାହାହେଲେ ଗୋଟିଏ ମାଟି ଓଦା ହେଲାପରି ଜଳସେଚନ ଦରକାର କରେ |
- ଏତଦ ବ୍ୟତୀତ ଅଶ୍ୱଗନ୍ଧା ଚାଷରେପ୍ରତ୍ୟେକ ଥର ଖତସାର ପ୍ରୟୋଗ ପରେ ସମୁଦାୟ ଦୁଇ ଥର ଜଳସେଚନ ଦରକାର ହୋଇଥାଏ |

# ଅଶ୍ୱଗନ୍ଧା ଚାଷର ସୋପାନ
## (ରୋଗ ଓ ପୋକର ଦମନ ଓ ନିରାକରଣ)

| କ୍ର. ସଂ. | ରୋଗର ନାମ | କାରଣ | ଲକ୍ଷଣ | ନିରାକରଣ |
|---|---|---|---|---|
| 1 | ଏଫିଡ଼ିସ | ଏହା ମାଛି ଶ୍ରେଣୀୟ କୀଟ ଯାହାକି ଅଶ୍ୱଗନ୍ଧା କାଣ୍ଡ ତଥା ପତ୍ରରୁ ରସ ଶୋଷିଥାନ୍ତି ଓ ଏମାନେ ଦ୍ରୁତଗତିରେ ପ୍ରଜନନ କରିଥାନ୍ତି। | ଏମାନେ ଗଛରୁ ରସ ଶୋଷିବା ଫଳରେ ଅଶ୍ୱଗନ୍ଧା ଗଛ ଶୁଖିଯାଏ ଓ ଫସଲ ନଷ୍ଟ ହୋଇଯାଇଥାଏ। | ➤ ଯଥା ଶୀଘ୍ର ଫସଲରେ 70 ପ୍ରତିଶତ ନିମ ତେଲ ଘୋଳକୁ ସିଞ୍ଚନ କରିବାକୁ ପଡିବ । ଏହାପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ତେଲ ଘୋଳକୁ ପାଞ୍ଚ ଥର ଫସଲରେ ସିଞ୍ଚନକଲେ ଏହି ରୋଗର ନିରାକରଣ କରାଯାଇପାରିବ।<br>➤ କିମ୍ବା ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ। |

# ଅଶ୍ୱଗନ୍ଧା ଚାଷର ସୋପାନ
## (ରୋଗ ଓ ପୋକର ଦମନ ଓ ନିରାକରଣ)

| କ୍ର. ସଂ. | ରୋଗର ନାମ | କାରଣ | ଲକ୍ଷଣ | ନିରାକରଣ |
|---|---|---|---|---|
| 2 | ସୁଟ ବୋରଏର ଓ ଉଇ | ସାମ୍ବାଲୁଆ ପ୍ରଜାତିର ପୋକ ଓ ତାର ଲାର୍ଭା ଏବଂ ଉଇ | ଏଗୁଡିକ ଗଛର ନରମ ପତ୍ର ଓ କାଣ୍ଡକୁ ଖାଇ ଗଛର ନଷ୍ଟ ଘଟାଇଥାନ୍ତି, ଫଳରେ ଫସଲହାନୀ ହୋଇଥାଏ। | ➤ ଯଥା ଶୀଘ୍ର ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ<br>➤ ୫ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 7 ଦିନ ଅନ୍ତରାଳରେ ଚାରା ରୋଇବା ପରଠାରୁ 21 ଦିନ ପର୍ଯ୍ୟନ୍ତ ଗଛର କାଣ୍ଡ ଓ ଚେରରେ ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ ଉପଶମ ମିଳେ। |

# ଅଶ୍ୱଗନ୍ଧା ଚାଷର ସୋପାନ
## (ରୋଗ ଓ ପୋକର ଦମନ ଓ ନିରାକରଣ)

| କ୍ର. ସଂ. | ରୋଗର ନାମ | କାରଣ | ଲକ୍ଷଣ | ନିରାକରଣ |
|---|---|---|---|---|
| 3 | ସିଡ଼ଲିଙ୍ଗ ରଟ ଓ ବ୍ଲାଇଟ | ଏହି ରୋଗ ସାଧାରଣତଃ କୀଟ କିମ୍ବା ନିମେଟଡ଼ ଦ୍ଵାରା ହୋଇଥାଏ। | ଏହି ରୋଗରେ ବିହନ (ମଞ୍ଜି) କିମ୍ବା ସଦ୍ୟ ଅଙ୍କୁରିତ ଚାରା ନଷ୍ଟ ହୋଇଯାଇଥାଏ। | ➢ ଯଥା ଶୀଘ୍ର ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ<br>➢ ୫ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 7 ଦିନ ଅନ୍ତରାଳରେ ଚାରା ରୋଇବା ପରଠାରୁ 21 ଦିନ ପର୍ଯ୍ୟନ୍ତ ଗଛର କାଣ୍ଡ ଓ ଚେରରେ ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ୍ଣଉପଶମ ମିଳେ। |
| 4 | ଲୀଫ ସ୍ପଟ | ଏହି ରୋଗ ସାଧାରଣତଃ ବିଭିନ୍ନ କବକ, ବୀଜାଣୁ କିମ୍ବା ଭୁତାଣୁ ଦ୍ଵାରା ହୋଇଥାଏ। | ଏହା ଫଳରେ ପତ୍ରର ରଙ୍ଗ ପରିବର୍ତ୍ତନ ହୋଇ ବାଦାମୀ ବର୍ଣ୍ଣର ହୋଇଯାଏ ଓ ପତ୍ର ଶୁଖିଯାଏ। | ➢ ଯଥା ଶୀଘ୍ର ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ |


ଏଫିଡ଼ିସ ରୋଗରେ ଅଶ୍ୱଗନ୍ଧାର ପତ୍ରମୋଡା


ଏଫିସ କ୍ରାସିଭର


ଅଶ୍ୱଗନ୍ଧାରେ ଉଇ

ସୁଟ ବୋରଏର





ସିଡ଼ଲିଙ୍ଗ ରଟ ଓ ବ୍ଲାଇଟ


ଲୀଫ ସ୍ପଟ

## ଅଶ୍ୱଗନ୍ଧା ଫସଲରେ ଅମଳ ଏବଂ ଅମଳ ପରବର୍ତ୍ତୀ ଯତ୍ନ

- ଆମେ ଚାଷ କରିଥିବା ଅଶ୍ୱଗନ୍ଧା ପ୍ରଜାତି ଅନୁସାରେ ଏହା 140 ଦିନରୁ ନେଇ 180 ଦିନ ମଧ୍ୟରେ ଅମଳକ୍ଷମ ହୋଇଥାଏ |
- ଏହାର ଅମଳ ଶୁଖିଲା ପାଗରେ ଯେତେବେଳେ ଅଶ୍ୱଗନ୍ଧାର ପତ୍ର ଶୁଖିବା ଆରମ୍ଭ କରେ ଏବଂ ଏହାର ଫଳଗୁଡିକ ପାକଳ ହୋଇ ନାଲି ରଙ୍ଗର ହୋଇଯାଏ ତଥା ଚେର ପରିପକ୍ୱ ଅବସ୍ଥାକୁ ଆସିଗଲେ ଏହାର ଅମଳ କରାଯାଇଥାଏ |
- ଏହାର ଚେରକୁ କୌଣସି କ୍ଷତି ନଘଟାଇ କୋଡ଼ି, ଶାବଳ କିମ୍ବା କାଙ୍କ ଦ୍ୱାରା ଅଶ୍ୱଗନ୍ଧା ଗଛକୁ ମୂଳରୁ ଓପାଡି ଏହାର ଅମଳ କରାଯାଏ |
- ଅମଳର 24 ଘଣ୍ଟା ପୂର୍ବରୁ ଯଦି ସମ୍ଭବ ହୁଏ ତାହାହେଲେ ଗୋଟିଏ ଜଳସେଚନ କରିବା ତା ବିଧେୟ|
- ଅମଳ ପରେ ଏହାର ଚେରକୁ ଗଛରୁ କାଟି ଅଲଗା କରିଦିଆଯାଏ ଏବଂ 8 ରୁ 10 ସେଣ୍ଟିମିଟର ଲମ୍ବର କାଟି ଖଣ୍ଡ ଖଣ୍ଡ କରାଯାଏ |
- ତାପରେ ଏହି ଚେରକୁ ବୋହିଯାଉଥିବା ପାଣିରେ ଭଲଭାବରେ ଧୋଇ ସଫା କରି ଖରାରେ ପାଲ ବା ସଫା କପଡା ପାରି ତା ଉପରେ ଶୁଖାଯାଏ ଏବଂ ଗୋଟିଏ ସଫା ଧଳା କପଡ଼ାକୁ ତା ଉପରେ ଘୋଡେଇ ଦିଆଯାଏ|
- ମଝିରେ ମଝିରେ ଏହାକୁ ଓଲଟ ପାଲଟ ମଧ୍ୟ କରାଯାଇଥାଏ | ଏଥିରୁ 70 ପ୍ରତିଶତ ଜଳୀୟଅଂଶ କମିଗଲେ ଏହାକୁ ଛାଇଥିବା ଏବଂ ଉତ୍ତମଭାବରେ ବାୟୁ ଚଳାଚଳ କରୁଥିବା ସ୍ଥାନରେ ପୁରା ଶୁଖିବା ଯାକେ ରଖାଯାଏ |
- ଏହା ଶୁଖିଗଲା ପରେ ଏହାର ମୋଟେଇ ଅନୁସାରେ ଗ୍ରେଡିଙ୍ଗ କରାଯାଏ | ଚେର ଯେତେ ମୋଟା ହବ ତାର ମୂଲ୍ୟ ସେତେ ଅଧିକ ହୋଇଥାଏ |
- ଏହାର ଫଳକୁ ଅଲଗାକରି ଶୁଖାଯାଏ ଏବଂ ଶୁଖିଗଲା ପରେ ତାକୁ ଚୂର୍ଣ୍ଣ କରି ତା ମଧ୍ୟରୁ ମଞ୍ଜିକୁ ଅଲଗା କରାଯାଇଥାଏ |



ଅଶ୍ୱଗନ୍ଧା ଫସଲ ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନର ବିଭିନ୍ନ ପ୍ରକ୍ରିୟା

